# NATIONAL NEWS BULLETIN (ODIA)

## 19 May - 2026

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଭାରତ ଓ ନରୱେ ମଧ୍ୟରେ ଦ୍ୱିପାକ୍ଷିକ ଆର୍ଥିକ କାରବାର ଏବଂ ନିବେଶ କ୍ଷେତ୍ର ବୃଦ୍ଧି ପାଇଛି, କହିଲେ ପ୍ରଧାନମନ୍ତ୍ରୀ ।
- ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ଛତିଶଗଡ଼ର ଜଗଦଲପୁରରେ ଅନୁଷ୍ଠିତ ହେବ କେନ୍ଦ୍ରୀୟ ଜୋନାଲ୍ ପରିଷଦ ବୈଠକ ।
- ଦେଶର ୧୮ଟି ସହରରେ ଜଳମେଟ୍ରୋ ସେବା ଆରମ୍ଭ କରିବାକୁ ପ୍ରସ୍ତୁତ ହୋଇଛି ଯୋଜନା, କହିଲେ ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ।
- କାତାର, ସାଉଦିଆରବ ଓ ୟୁ.ଏ.ଇ. ଅନୁରୋଧ କ୍ରମେ ଇରାନ୍ ଉପରେ ଆକ୍ରମଣକୁ ସ୍ଥଗିତ ରଖାଯାଇଛି, ସୂଚନା ଦେଲେ ଆମେରିକା ରାଷ୍ଟ୍ରପତି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଚେନ୍ନାଇ ସୁପରକିଙ୍ଗସ୍‌କୁ ୫ ୱିକେଟ୍‌ରେ ପରାସ୍ତ କଲା ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ।

## ପିଏମ୍-ନରୱେ ବିଜ୍‌ନେସ୍ ସମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ଏବଂ ନରୱେ ମଧ୍ୟରେ ବାଣିଜ୍ୟ ଓ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରେ ଦ୍ୱିପାକ୍ଷିକ ଆର୍ଥିକ କାରବାର ଏବଂ ନିବେଶରେ ବୃଦ୍ଧି ଘଟିଛି । ଓସ୍‌ଲୋ ଠାରେ ଅନୁଷ୍ଠିତ ଭାରତ-ନରୱେ ବ୍ୟବସାୟ ଏବଂ ଗବେଷଣା ଶୀର୍ଷକ ସମ୍ମିଳନୀରେ ଯୋଗଦେଇ ଶ୍ରୀ ମୋଦୀ ଏହା କହିଛନ୍ତି । ଚୁକ୍ତିନାମା ଅଧୀନରେ ଉଭୟ ଦେଶ ୧୦୦ ବିଲିୟନ୍ ଆମେରିକୀୟ ଡଲାରର୍ ନିବେଶ ଲକ୍ଷ୍ୟ ଏବଂ ଭାରତରେ ୧୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ପ୍ରୟାସ ଜାରି ରଖିବା ଉପରେ ଶ୍ରୀ ମୋଦୀ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ଜାହାଜ ନିର୍ମାଣ, ସବୁଜ ପରିବର୍ତ୍ତନ, ନବୀକରଣୀୟ ଶକ୍ତି, ସ୍ୱାସ୍ଥ୍ୟ ପ୍ରଯୁକ୍ତିବିଦ୍ୟା, ନୀଳ ଅର୍ଥନୀତି, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ଷ୍ଟାର୍ଟଅପ୍ ଭଳି ପ୍ରମୁଖ କ୍ଷେତ୍ର ଗୁଡ଼ିକରେ ଭାରତରେ ବ୍ୟାପକ ନିବେଶ ସୁଯୋଗ

ରହିଛି । ଏହାର ସୁଯୋଗ ନେବାକୁ ଶ୍ରୀ ମୋଦୀ ନରୱେ ବ୍ୟବସାୟି ଗୋଷ୍ଠୀଙ୍କୁ ଆହ୍ୱାନ ଦେଇଛନ୍ତି । ଭାରତର ମହତ୍ୱାକାଂକ୍ଷି ସବୁଜ ପରିବର୍ତ୍ତନ ଅଭିଯାନ ଉପରେ ଆଲୋକପାତ କରି ଶ୍ରୀ ମୋଦୀ ବର୍ଦ୍ଧିତ ଶକ୍ତି ଚାହିଦା, ଜଳବାୟୁ ପରିବର୍ତ୍ତନ, ନବୀକରଣୀୟ ଶକ୍ତି, ଗ୍ରୀଡ୍ ଭିତ୍ତିଭୂମି ଏବଂ ସ୍ୱଚ୍ଛଶକ୍ତି କ୍ଷେତ୍ରରେ ରହିଥିବା ଗୁରୁତ୍ୱପ୍ରଦାନ କରିଥିଲେ । ଉଭୟ ଦେଶର ବ୍ୟାବସାୟିକ ସମ୍ପ୍ରଦାୟକୁ ନୂତନ ସହଭାଗିତା ଗଠନ କରିବା ଏବଂ ସହଯୋଗର ଉଦୀୟମାନ କ୍ଷେତ୍ର ଚିହ୍ନଟ କରି ଆର୍ଥିକ ସହଯୋଗକୁ ଅଧିକ ମଜବୁତ କରିବାକୁ ଶ୍ରୀ ମୋଦୀ ଅନୁରୋଧ କରିଛନ୍ତି ।

**V/O-1-PM-MODI-ON-INVESTMENT**

ଶିଖର ସମ୍ମିଳନୀରେ ୫୦ରୁ ଅଧିକ ବିଭିନ୍ନ କମ୍ପାନୀର କାର୍ଯ୍ୟ ନିର୍ବାହୀ ଅଧିକାରୀ ଏବଂ ନରୱେ ଓ ଭାରତୀୟ ବ୍ୟବସାୟ ଏବଂ ଗବେଷଣା କ୍ଷେତ୍ରର ୨୫୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ । ଏହି ଅବସରରେ ଭାରତୀୟ ଏବଂ ନରୱେର କମ୍ପାନୀ ତଥା କେତେକ ପ୍ରତିଷ୍ଠାନ ମଧ୍ୟରେ ବ୍ୟାବସାୟିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ।

# ଅମିତ ଶାହା–ଛତିଶଗଡ଼

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଆଜି କେନ୍ଦ୍ରୀୟ ଜୋନାଲ ପରିଷଦର ବୈଠକ ଅନୁଷ୍ଠିତ ହେବ । ଛତିଶଗଡ଼ ବସ୍ତର ଡିଭିଜନାଲ

ମୁଖ୍ୟାଳୟ ଜଗଦଲପୁରଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଛତିଶଗଡ଼, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ଅଧିକାରୀଗଣ ଯୋଗଦେବେ । ଛତିଶଗଡ଼ ଗସ୍ତ ଅବସରରେ ଗତକାଲି ଶ୍ରୀ ଶାହା ବସ୍ତର ଜିଲ୍ଲାର ନେତାନାର ଗ୍ରାମରେ ଏକ ଜନସେବା କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ଶ୍ରୀ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୬ ଦଶନ୍ଧି ଧରି ନକ୍ସଲବାଦ ଯୋଗୁଁ ବସ୍ତରରେ ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ହୋଇଥିବା କ୍ଷତିକୁ ଆଗାମୀ ୫ ବର୍ଷ ମଧ୍ୟରେ ପୂରଣ କରାଯିବ ।

## ସୋନୱାଲ୍-ୱାଟର ମେଟ୍ରୋ

ଦେଶରେ ଜଳ ମେଟ୍ରୋ ସେବାର କାର୍ଯ୍ୟକାରିତା ନେଇ ନୂଆଦିଲ୍ଲୀଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜଳ ମେଟ୍ରୋ ସେବା ଆରମ୍ଭ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଛି । ଶ୍ରୀ ସୋନୱାଲ କହିଛନ୍ତି, ସରକାର ୧୮ଟି ସହରରେ ଜଳ ମେଟ୍ରୋ ସେବା ଆରମ୍ଭ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଗୁଆହାଟୀରେ ଆରମ୍ଭ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

ଶ୍ରୀନଗର, ପାଟଣା, ବାରାଣସୀ, ଅଯୋଧ୍ୟା ଏବଂ ପ୍ରୟାଗରାଜ ଆଦି ସହରଗୁଡ଼ିକୁ ମଧ୍ୟ ପ୍ରଥମ ପର୍ଯ୍ୟାୟରେ ସାମିଲ କରିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶ୍ରୀ ସୋନୱାଲ କହିଛନ୍ତି । ଆସାମର ତେଜପୁର ଏବଂ ଦିବ୍ରୁଗଡ଼କୁ ଦ୍ୱିତୀୟ ପର୍ଯ୍ୟାୟରେ ସାମିଲ କରାଯିବ । ଆନ୍ତଃ ମନ୍ତ୍ରଣାଳୟ ପରାମର୍ଶ ଆଧାରରେ ଜାତୀୟ ଜଳ ମେଟ୍ରୋ ନୀତି ୨୦୨୬ ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ଇତିମଧ୍ୟରେ ପ୍ରସ୍ତୁତ ହୋଇଛି । ଶ୍ରୀ ସୋନୱାଲ କହିଛନ୍ତି, ପ୍ରସ୍ତାବିତ ଜଳ ମେଟ୍ରୋ ବ୍ୟବସ୍ଥା ପାଇଁ ଅତ୍ୟଧିକ ପୁଞ୍ଜିନିବେଶର ଆବଶ୍ୟକତା ପଡ଼ିବ ନାହିଁ । ଏହି ପଦକ୍ଷେପ ଆଭ୍ୟନ୍ତରୀଣ ଜଳପଥକୁ ଏକ ଦକ୍ଷ, ସ୍ଥାୟୀ ଏବଂ ଆଧୁନିକ ସାର୍ବଜନୀନ ପରିବହନ କରିଡ଼ରରେ ପରିଣତ କରିବ ବୋଲି ଆଶା କରାଯାଉଛି ।

## ଟ୍ରମ୍ପ୍-ଇରାନ୍

କାତାର, ସାଉଦିଆରବ ଏବଂ ସଂଯୁକ୍ତ ଆରବ ଏମିରେଟସ୍‌ର ଶୀର୍ଷ ନେତୃବୃନ୍ଦଙ୍କ ଅନୁରୋଧ କ୍ରମେ ଇରାନ୍ ଉପରେ ସାମରିକ ଆକ୍ରମଣକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି । ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲ୍‌ରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଟ୍ରମ୍ପ୍ କହିଛନ୍ତି, ଆଜିଠାରୁ ଆରମ୍ଭ ହେବାକୁ ଥିବା ଆକ୍ରମଣକୁ ଏହି ନେତାଙ୍କ ଅନୁରୋଧ କ୍ରମେ ସ୍ଥଗିତ ରଖାଯାଇଛି । ଆମେରିକା ଏବଂ ପଶ୍ଚିମ ଏସିଆ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଗ୍ରହଣୀୟ ଏକ ଚୁକ୍ତି

ସ୍ୱାକ୍ଷରିତ ହେବାର ଶ୍ରୀ ଟ୍ରମ୍ପ୍ ଆଶାବ୍ୟକ୍ତ କରିଛନ୍ତି । ଏଥିପାଇଁ ଆଲୋଚନା ଜାରି ରହିଛି । ତେବେ ଆଲୋଚନା ବିଫଳ ହେଲେ ଆମେରିକା ପକ୍ଷରୁ ଇରାନ୍ ଉପରେ ବଡ଼ ଧରଣର ଆକ୍ରମଣ ହେବା ନେଇ ଶ୍ରୀ ଟ୍ରମ୍ପ୍ ସତର୍କ କରାଇଛନ୍ତି ।

ଅନ୍ୟ ପକ୍ଷରେ ଇରାନ୍ ଗତକାଲି କହିଛି, ଚୁକ୍ତିନାମା ସ୍ୱାକ୍ଷର ନେଇ ଆମେରିକାର କେତେକ ପ୍ରସ୍ତାବ ଉପରେ ମଧ୍ୟସ୍ଥତା କରୁଥିବା ପାକିସ୍ତାନକୁ ଇରାନ୍ ନିଜର ପକ୍ଷ ପ୍ରଦାନ କରିସାରିଛି । ହର୍ମୁଜ୍ ପ୍ରଣାଳୀରେ ଇରାନ୍‌ର ନିୟନ୍ତ୍ରଣ ବଳବତ୍ତର ରହିଛି । ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଏବଂ ଏଲ୍‌ପିଜି ଯାତାୟତ କରୁଥିବା ଏହି ଜଳପଥକୁ ପ୍ରଭାବଶାଳୀ ଢଙ୍ଗରେ ବନ୍ଦ ରଖାଯାଇଛି ବୋଲି ଇରାନ୍ ସୂଚନା ଦେଇଛି ।

## ଶିବରାଜ-କନ୍‌ଫରେନ୍ସ

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଆଜି ଭୁବନେଶ୍ୱରଠାରେ ପୂର୍ବାଞ୍ଚଳ କୃଷି ସମ୍ମିଳନୀ ଆୟୋଜନ କରାଯିବ । କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । କୃଷି କ୍ଷେତ୍ରର ସାମଗ୍ରୀକ ବିକାଶକୁ ପ୍ରୋତ୍ସାହିତ କରିବା, କୃଷକଙ୍କ ଆୟ ବୃଦ୍ଧି ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା

ହେଉଛି ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ସମ୍ମିଳନୀରେ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର କୃଷି ମନ୍ତ୍ରୀ, ବରିଷ୍ଠ ଅଧିକାରୀ, ବୈଜ୍ଞାନିକ, କୃଷକ ପ୍ରତିନିଧି, କୃଷି ବିଶେଷଜ୍ଞ ଓ ଅନ୍ୟାନ୍ୟ ଅଂଶୀଦାରମାନେ ଯୋଗଦେଇ ଏ କ୍ଷେତ୍ରର ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ନିଜର ସୁଚିନ୍ତିତ ମତାମତ ବ୍ୟକ୍ତ କରିବେ । ସମ୍ମିଳନୀ ପରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଗଣମାଧ୍ୟମକୁ ସମ୍ବୋଧିତ କରିବାର କାର୍ଯ୍ୟସୂଚୀ ରହିଛି ।

# ବିର୍ଲା-ରିପୋର୍ଟ୍

ଜଷ୍ଟିସ୍ ଯଶୋବନ୍ତ ବର୍ମାଙ୍କ ଦୁର୍ନୀତି ଅଭିଯୋଗ ନେଇ ତଦନ୍ତ କରୁଥିବା ବିଚାରପତି ତଦନ୍ତ କମିଟି ଏହାର ରିପୋର୍ଟ୍ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପ୍ରଦାନ କରିଛି । ସଂସଦ ଭବନରେ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ବିଚାରପତି ଅନୁସନ୍ଧାନ ଆଇନ୍ ୧୯୬୮ ଆଧାରରେ ପ୍ରସ୍ତୁତ ଏହି ରିପୋର୍ଟ୍‌କୁ ଉପସ୍ଥାପନ କରାଯାଇଛି । ସଂସଦର ଉଭୟ ଗୃହରେ ରିପୋର୍ଟ୍‌କୁ ଉପସ୍ଥାପନ କରାଯିବ । ଗତବର୍ଷ ଅଗଷ୍ଟ ୧୨ ତାରିଖରେ ବାଚସ୍ପତି ଶ୍ରୀ ବିର୍ଲା ଏହି କମିଟି ଗଠନ କରିଥିଲେ । ତଦନ୍ତ କମିଟିର ଅଧ୍ୟକ୍ଷ ସୁପ୍ରିମ୍‌କୋର୍ଟର ବିଚାରପତି ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ବମ୍ବେ ହାଇକୋର୍ଟ୍‌ର ମୁଖ୍ୟ ବିଚାରପତି ଜଷ୍ଟିସ୍ ଶ୍ରୀ ଚନ୍ଦ୍ର ଶେଖର ଏବଂ

କର୍ଣ୍ଣାଟକ ହାଇକୋର୍ଟ୍‌ର ବରିଷ୍ଠ ଆଇନ୍‌ଜୀବୀ ବି.ଭି. ଆଚାର୍ଯ୍ୟ ଶ୍ରୀ ବିର୍ଲାଙ୍କ ପାଖରେ କମିଟି ରିପୋର୍ଟ୍ ଦାଖଲ କରିଛନ୍ତି ।

## ଡବ୍ଲ୍ୟୁବି-ଆର୍‌ଜି କର କଲେଜ୍

କୋଲକାତାର ଆର୍.ଜି.କର ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କ ବିରୁଦ୍ଧରେ ମାମଲା ରୁଜୁ ପାଇଁ ପଶ୍ଚିମବଙ୍ଗ ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ୨୦୨୪ ଅଗଷ୍ଟ ୨୩ ତାରିଖରେ କେତୋଟି ମାମଲାରେ କୋଲକାତା ହାଇକୋର୍ଟ୍‌ଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ପରିପ୍ରେକ୍ଷୀରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଜଣାପଡ଼ିଛି । କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସି.ବି.ଆଇ.ର ଦୁର୍ନୀତି ନିବାରଣ ଶାଖା ମାମଲାର ତଦନ୍ତ ନିଜ ଅଧୀନକୁ ନେଇଥିଲା । ୨୦୨୪ ଅଗଷ୍ଟ ୨୪ ତାରିଖରେ ଏ ସଂକ୍ରାନ୍ତରେ ଏକ ମାମଲା ପଞ୍ଜିକୃତ ହୋଇଛି । ଆର୍.ଜି. କର ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍‌ର ବିଭିନ୍ନ କିଣାବିକାରେ ଆର୍ଥିକ ଅନିୟମିତତା ହୋଇଥିବା ନେଇ ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କ ବିରୋଧରେ ଅଭିଯୋଗ ରହିଛି ।

# ରାଜନାଥ-ହାନୋଇ

ଅପରେସନ୍ ସିନ୍ଦୂରକୁ ଭାରତର ଏକ ଶକ୍ତିଶାଳୀ, ଆତ୍ମବିଶ୍ୱାସୀ ଏବଂ ଦକ୍ଷତା ସମ୍ପନ୍ନ ରାଷ୍ଟ୍ରର ପ୍ରମାଣ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବର୍ଣ୍ଣନା କରିଛନ୍ତି । ଭିଏତ୍‌ନାମର ହାନୋଇଠାରେ ଗତକାଲି ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି ଶ୍ରୀ ସିଂହ ଶତ୍ରୁ ପକ୍ଷର ଯେକୌଣସି କାର୍ଯ୍ୟର ଦୃଢ଼ ଜବାବ ଦେବାକୁ ଭାରତ ପ୍ରସ୍ତୁତ ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ବିଭିନ୍ନ କ୍ଷେତ୍ରରେ ଗ୍ରହଣ କରାଯାଇଥିବା ସଂସ୍କାର ମୂଳକ ପଦକ୍ଷେପ ଏବଂ ପରିବର୍ତ୍ତନ ଭାରତକୁ ବିଶ୍ୱସ୍ତରରେ ଏକ ଅଗ୍ରଣୀ ରାଷ୍ଟ୍ର ଭାବେ ପରିଗଣିତ କରିଛି ବୋଲି ଶ୍ରୀ ସିଂହ କହିଛନ୍ତି । ଭାରତ ସେମିକଣ୍ଡକ୍ଟର କ୍ଷେତ୍ରରେ ଦ୍ରୁତ ଅଗ୍ରଗତି କରୁଛି । ପ୍ରଯୁକ୍ତିବିଦ୍ୟା ଭାରତର ବିକାଶ ପଥର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ପାଲଟିଛି ବୋଲି ଶ୍ରୀ ସିଂହ କହିଛନ୍ତି । ଶାନ୍ତି, ସହଭାଗିତା ଏବଂ ସମୃଦ୍ଧି ପାଇଁ ଭାରତ ସହ ଯୋଡ଼ି ହେବାକୁ ଶ୍ରୀ ସିଂହ ଏହି ଅବସରରେ ଆନ୍ତର୍ଜାତିକ ସମୁଦାୟକୁ ଅନୁରୋଧ କରିଛନ୍ତି । ରାଷ୍ଟ୍ର ନିର୍ମାଣରେ ପ୍ରବାସୀ ଭାରତୀୟ ଅଧିକରୁ ଅଧିକ ଯୋଗଦେବାକୁ ଶ୍ରୀ ସିଂହ ଆହ୍ୱାନ ଦେଇଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ବିଜୟୀ ହୋଇଛି । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଚେନ୍ନାଇ ସୁପରକିଙ୍ଗସ୍‌କୁ ୫ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ଚେନ୍ନାଇ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ୍ ବିନିମୟରେ ୧୮୦ରନ୍ ସଂଗ୍ରହ କରିଥିଲା । ହାଇଦ୍ରାବାଦ୍ ପକ୍ଷରୁ ପ୍ୟାଟ୍ କମିନ୍ସ ୩ଟି ୱିକେଟ୍ ଅକ୍ତିଆର କରିଥିଲେ । ୧୮୧ରନ୍‌ର ବିଜୟ ଲକ୍ଷ୍ୟକୁ  ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୧୯ ଓଭରରେ ୫ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଇଶାନ୍ କିଶାନ୍ ଦଳ ପକ୍ଷରୁ ସର୍ବାଧିକ ୭୦ରନ୍ ସଂଗ୍ରହ କରିଥିଲେ । କିଶାନ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି । ଏହି ବିଜୟ ସହ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୧୬ ପଏଣ୍ଟ ହାସଲ କରିଛି । ଚେନ୍ନାଇ ସୁପରକିଙ୍ଗସ୍ ମାତ୍ର ୧୨ ପଏଣ୍ଟ ହାସଲ କରି ପ୍ଲେ ଅଫ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛି ।

ଆଜି ରାଜସ୍ଥାନ ରୟାଲ୍ସ ଏବଂ ଲକ୍ଷ୍ନୌ ସୁପର ଜ୍ୟାଏଣ୍ଟ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍ ଜୟପୁରଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଆରମ୍ଭ ହେବ ।